ଅତିମାନବ ନୁହଁ ଏକ ଉନ୍ନତ ମାନବର ଉଚ୍ଚତମ ନିର୍ଦ୍ଧାରିତ ଶୃଙ୍ଗ ଉପରେ ଆରୋହୀ ମାନବ। ସେ ମଧ୍ୟ ମାନବୀୟ ଜ୍ଞାନ, ଶକ୍ତି, ବୁଦ୍ଧି, ସଂକଳ୍ପ, ଚରିତ୍ର, ପ୍ରତିଭା, ଗତିଶୀଳ ଶକ୍ତି, ସଚ୍ଚତ୍ୱ, ପ୍ରେମ, ପବିତ୍ରତା କିମ୍ବା ପରିପୂର୍ଣ୍ଣତାର ପ୍ରତୀକ ନୁହେଁ। ... ସେ ମଣିଷ ପ୍ରକୃତିର ଉଚ୍ଚତମ ଚେତନାଠାରୁ ଉଚ୍ଚରେ ଅତିମାନସ ଚେତନାର ଅଧିକାରୀ। **–ଶ୍ରୀଅରବିନ୍ଦ**

# ନୀରବତାରୁ ଅସନ୍ତୋଷ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ପୂର୍ବତନ ସାଂସଦ ଆନନ୍ଦ ମୋହନଙ୍କୁ ଜେଲରୁ ମୁକୁଳାଇବା ପାଇଁ ବିହାର ସରକାର ପ୍ରସ୍ତାବ ରଖିଛନ୍ତି। ଏହାକୁ ନେଇ ବିହାର ଆଇଏଏସ୍ ଅଧିକାରୀ ସଂଘ ନୀରବ ରହିଛି, ଯେଉଁଥିପାଇଁ ଅନେକ ଆଇଏଏସ୍ ଅଧିକାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗୋପାଳଗଞ୍ଜର ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ ଜି.କ୍ରିଷ୍ଣାଏଙ୍କ ହତ୍ୟା ଘଟଣାରେ ମୋହନଙ୍କୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରାଯିବା ପରେ ସେ ଜେଲରେ ରହିଛନ୍ତି। ସୂତ୍ରରୁ ପ୍ରକାଶ, ନିକଟରେ ନୀତୀଶ କୁମାର ନେତୃତ୍ୱାଧୀନ ସରକାର ରାଜପୁତ ନେତା ମୋହନଙ୍କୁ ଜେଲରୁ ମୁକ୍ତ କରିବାକୁ ଉଦ୍ୟମ କରୁଥିବାର ସଙ୍କେତ ଦେଇଛନ୍ତି। ରାଷ୍ଟ୍ରୀୟ ଜନତା ଦଳ ସହ ନୀତୀଶ ମେଣ୍ଟ କରିଥିବାରୁ ରାଜନୈତିକ ବାଧ୍ୟବାଧକତାରେ ସେ ଏଭଳି କରୁଥିବା ଜଣାପଡ଼ିଛି। ପ୍ରଥମରୁ ସ୍ଥାନୀୟ କୋର୍ଟ ଆନନ୍ଦଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ, କିନ୍ତୁ ପରେ ଉଚ୍ଚ ନ୍ୟାୟାଳୟ ଏହାକୁ କୋହଳ କରି ଆଜୀବନ ଜେଲ ଦଣ୍ଡାଦେଶ ଦେଇଥିଲେ। ଆନନ୍ଦଙ୍କୁ ମୁକ୍ତ କରିବା ପ୍ରସ୍ତାବକୁ ନେଇ ଆଇଏଏସ୍ ସଂଘର କୌଣସି ସଦସ୍ୟ ମୁହଁ ଖୋଲିନାହାନ୍ତି। ଏହା ବାବୁମାନଙ୍କ ମଧ୍ୟରେ ବି ପ୍ରତିକ୍ରିୟା ସୃଷ୍ଟି କରିପାରିନାହିଁ। କେବଳ ଆଇଏଏସ୍ ସଂଘର ସେକ୍ରେଟାରି ଦୀପକ କୁମାର ସିଂ କହିଛନ୍ତି ,ଏହା ସରକାରଙ୍କ ନିଷ୍ପତ୍ତି ଓ ତା'ଉପରେ ସଂଘର କିଛି କହିବାର ନାହିଁ। ଏହି ସମ୍ବେଦନଶୀଳ ମାମଲାରେ ଆଇଏଏସ୍ ସଂଘ ମୁହଁ ବନ୍ଦ କରି ବସିଥିବାରୁ ଏହାକୁ ପୂର୍ବତନ ଆଇପିଏସ୍ ଅଧିକାରୀ ଅମିତାଭ କୁମାର ଦାସ ଦୃଢ ସମାଲୋଚନା କରିଛନ୍ତି। ସଂଘ ଯଦି ତା'ର ସଦସ୍ୟଙ୍କ ମାମଲାକୁ ଗ୍ରହଣ ନ କରେ ତେବେ ତାହାକୁ ଭାଙ୍ଗିଦେବା ଉଚିତ ବୋଲି ସେ ଦାବି କରିଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ, ଜେଲରୁ ଆନନ୍ଦଙ୍କୁ ମୁକ୍ତ କରିବା ଅର୍ଥ ହତ୍ୟା କରାଯାଇଥିବା ଆଇଏଏସ୍ ଅଧିକାରୀଙ୍କ ପ୍ରତି ଅପମାନ। ତେବେ ସାମ୍ପ୍ରତିକ ରାଜନୀତି ବିହାରରେ ନୀତିନୈତିକତାକୁ ଶେଷ କରିଦେବାର ସମ୍ଭାବନା ଦେଖାଯାଇଛି।

### ପଞ୍ଜାବ ପୋଲିସରେ ୧୩ ଡିଜିପି

ପଞ୍ଜାବ ପୋଲିସ ବ୍ୟବସ୍ଥାର ଟପ୍ ର୍ୟାଙ୍କରେ ଅଧିକାରୀମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଦେଶର ଅନ୍ୟ ସବୁ ରାଜ୍ୟ ତୁଳନାରେ ପଞ୍ଜାବରେ ସବୁଠୁ ବେଶି ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ର୍ୟାଙ୍କ ଅଧିକାରୀ ଅଛନ୍ତି। ଭଗବତ ମାନ୍ ସରକାର ୭ ଜଣ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ(ଏଡିଜିପି)ଙ୍କୁ ଡିଜିପି ର୍ୟାଙ୍କକୁ ପଦୋନ୍ନତି ଦେବା ଫଳରେ ରାଜ୍ୟରେ ମୋଟ ଡିଜିପି ସଂଖ୍ୟା ୧୩ରେ ପହଞ୍ଚିଛି। ଏଥିରେ ୧୯୯୩ ବ୍ୟାଚ୍ ତଥା ପଞ୍ଜାବର ପ୍ରଥମ ମହିଳା ଆଇପିଏସ୍ ଅଧିକାରୀ ଗୁରପ୍ରୀତ ଦେଓଙ୍କୁ ପ୍ରଥମକରି ଡିଜିପି ର୍ୟାଙ୍କକୁ ପଦୋନ୍ନତି ଦିଆଯାଇଛି। ଯେଉଁମାନେ ପଦୋନ୍ନତି ପାଇଛନ୍ତି ସେମାନଙ୍କ ମଧ୍ୟରେ ଦେଓ ସବୁଠୁ ବରିଷ୍ଠ। ଆଇପିଏସ୍ ଅଧିକାରୀ ଶଶୀପ୍ରଭା ଦ୍ୱିବେଦୀଙ୍କୁ ମଧ୍ୟ ଡିଜିପି ର୍ୟାଙ୍କକୁ ପଦୋନ୍ନତି ଦିଆଯାଇଛି। ଦେଓ ଏହା ପୂର୍ବରୁ କମ୍ୟୁନିଟି ବ୍ୟାପାର ବିଭାଗ ଓ ମହିଳା ବ୍ୟାପାର ଏଡିଜିପି ଦାୟିତ୍ୱରେ ଥିବାବେଳେ ଦ୍ୱିବେଦୀ ଅତିରିକ୍ତ ଡିଜିପି(ରେଲ୍‌ୱେ)ଭାବେ ନିଯୁକ୍ତ ହୋଇଥିଲେ। ଅନ୍ୟ ଯେଉଁମାନେ ପଦୋନ୍ନତି ପାଇଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି; ଭିଜିଲାନ୍ସ ବ୍ୟୁରୋ ମୁଖ୍ୟ ନିର୍ଦ୍ଦେଶକ ବରିନ୍ଦର କୁମାର, ମାନବ ସମ୍ବଳ ବିକାଶ ଏଡିଜିପି ଈଶ୍ୱର ସିଂ, ପଞ୍ଜାବ ଷ୍ଟେଟ ପାୱାର କର୍ପୋରେଶନ ଲିମିଟେଡ୍‌ର ଏଡିଜିପି ଜିତେନ୍ଦ୍ର କୁମାର ଜୈନ, ପୋଲିସ ଆଣ୍ଡ୍ ରୁଲ୍ସ ଏଡିଜିପି ଏସ୍.କେ. ଅସ୍ଥାନା ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ଏଡିଜିପି ଆର୍.ଏନ୍.ଧୋକେ। ଆଇପିଏସ୍ କ୍ୟାଡର ରୁଲ୍ସ ଅନୁଯାୟୀ ଆଇପିଏସ୍ ଅଧିକାରୀମାନଙ୍କ କାର୍ଯ୍ୟକାଳକୁ ଆଧାରକରି ପଦୋନ୍ନତି ଦେବାର ବ୍ୟବସ୍ଥା ଅଛି। ବିଭିନ୍ନ ରାଜ୍ୟରେ ଏହି କ୍ୟାଡର ମ୍ୟାନେଜମେଣ୍ଟ ଭିନ୍ନ ହୋଇଥାଏ। ଜଣେ ୩୦,୨୫ ଏବଂ ୧୮ ବର୍ଷ ସର୍ଭିସରେ କାମ କରିଥିଲେ ଯଥାକ୍ରମେ ଡିଜିପି, ଏଡିଜିପି ଏବଂ ଆଇଜି ହେବା ପାଇଁ ଯୋଗ୍ୟ ହୋଇଥାନ୍ତି। ପଞ୍ଜାବରେ ଗୋଟିଏ ବ୍ୟାଚ୍ ଯୋଗ୍ୟ ହୋଇଗଲେ ସେମାନଙ୍କୁ ସଙ୍ଗେସଙ୍ଗେ ଉପର ର୍ୟାଙ୍କକୁ ପଦୋନ୍ନତି ଦିଆଯାଉଥିବାବେଳେ ଆଉ କେତେକ ରାଜ୍ୟରେ କେବଳ କ୍ୟାଡର ପଦବୀ ଖାଲି ହେଲେ ହିଁ ପଦୋନ୍ନତି ଦିଆଯାଇଥାଏ।

### ୧ ଟ୍ରିଲିୟନ ସ୍ୱପ୍ନ

ନିକଟରେ ଉତ୍ତରପ୍ରଦେଶ(ୟୁପି)ର ଅର୍ଥମନ୍ତ୍ରୀ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ସୁରେଶ କୁମାର ଖାନ୍ନାଙ୍କ ନେତୃତ୍ୱରେ ବରିଷ୍ଠ ଅମଲାତନ୍ତ୍ରୀମାନେ ରାଜ୍ୟରେ ହେବାକୁ ଥିବା ବୈଶ୍ୱିକ ନିବେଶକ ସମ୍ମିଳନୀ ପାଇଁ ନିବେଶକମାନଙ୍କ ସହଯୋଗ ଲୋଡ଼ିବା ସକାଶେ ଇଂଲଣ୍ଡ ଯାଇଛନ୍ତି। ଜଣାପଡ଼ିଛି, ଇଂଲଣ୍ଡ ଏବଂ ୟୁପି ମଧ୍ୟରେ ବାଣିଜ୍ୟ, ଆର୍ଥିକ ଚୁକ୍ତି ପାଇଁ ଖାନ୍ନା ଓ ତାଙ୍କ ମୂଳ ଟିମ୍ ସମେତ ବର୍ମିଂହାମ୍‌ରେ ଅବସ୍ଥାପିତ ଭାରତର ମହାବାଣିଜ୍ୟଦୂତ ଡ. ଶଶାଙ୍କ ବିକ୍ରମ ଏକତ୍ର ଏକ ନକ୍ସା ପ୍ରସ୍ତୁତ କରିଛନ୍ତି। ଖାନ୍ନା ୟୁପିକୁ ୧ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥା କରିବାର ଯୋଜନା ରଖିଛନ୍ତି ଓ ଏହାକୁ ନେଇ ବେଶ୍ ମହତ୍ତ୍ୱାକାଂକ୍ଷୀ ଅଛନ୍ତି। ଏହି ଲକ୍ଷ୍ୟ ପୂରଣ କରିବାକୁ ରାଜ୍ୟ ସରକାର ୨୫ଟି ସେକ୍ଟରର ଦ୍ୱାର ଅନ୍ତର୍ଜାତୀୟ ନିବେଶକଙ୍କ ପାଇଁ ଖୋଲା ରଖିଛନ୍ତି। ଉତ୍ତରପ୍ରଦେଶରେ ଯୋଗୀ ଆଦିତ୍ୟନାଥଙ୍କ ସରକାରର ଦ୍ୱିତୀୟ ପାଳିରେ ରାଜନୈତିକ ସ୍ଥିରତା ଅଛି। କିନ୍ତୁ କଥା ହେଉଛି, ଇଂଲଣ୍ଡରେ ପ୍ରଥମେ ଆମେରିକା ଓ ପରେ ୟୁପିର ରୋଡ୍ ଶୋ ଅନ୍ତର୍ଜାତୀୟ ନିବେଶକଙ୍କୁ ଉତ୍ସାହିତ କରିବ ତ ? ବୁଝିବାକୁ ହେବ ଯେ, ଏହି ପ୍ରଶ୍ନର ଉତ୍ତରରେ ରହିଛି ଯୋଗୀଙ୍କ ରାଜନୈତିକ ଲକ୍ଷ୍ୟର ଚାବିକାଠି। ୧ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥା ପାଇଁ ନେଉଥିବା ସାହସିକ ଲକ୍ଷ୍ୟକୁ ଏକ ବ୍ଲୁପ୍ରିଣ୍ଟ ଭାବେ ଦେଖାଯାଉଛି, ଯେଉଁଥିରେ ଯୋଗୀ ୟୁପିର ଭାଗ୍ୟ ବଦଳାଇ ଦେଇପାରିବେ। ଏହି ସ୍ୱପ୍ନ ପୂରଣ କରିବା ପାଇଁ ସମସ୍ତ ମନ୍ତ୍ରୀ ଓ ବାବୁ କଠିନ ପରିଶ୍ରମ କରୁଛନ୍ତି।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | | | | | |
| 7 | 2 | | | | | | 9 | |
| 4 | | | 9 | 8 | | 1 | | |
| 5 | | | | | | 3 | | 7 |
| | 1 | | | | 5 | 9 | | |
| 3 | | 7 | | | 6 | | | |
| | | 2 | | | 8 | | | |
| | 7 | 1 | | | | | 3 | 2 |
| | | | | 2 | 4 | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 4 | 8 | 7 | 5 | 3 | 6 | 2 | 1 |
| 6 | 2 | 7 | 9 | 1 | 8 | 5 | 4 | 3 |
| 3 | 5 | 1 | 6 | 2 | 4 | 9 | 8 | 7 |
| 2 | 1 | 5 | 4 | 9 | 7 | 8 | 3 | 6 |
| 7 | 8 | 9 | 3 | 6 | 5 | 2 | 1 | 4 |
| 4 | 6 | 3 | 2 | 8 | 1 | 7 | 9 | 5 |
| 5 | 3 | 4 | 8 | 7 | 2 | 1 | 6 | 9 |
| 8 | 7 | 6 | 1 | 4 | 9 | 3 | 5 | 2 |
| 1 | 9 | 2 | 5 | 3 | 6 | 4 | 7 | 8 |

ଗତକାଲିର ଉତ୍ତର

# ସାର୍ ମାଡାମ୍ ନୁହେଁ, ଟିଚର



**ପ୍ରକାଶ ତ୍ରିପାଠୀ**

ଭାରତର ଅନ୍ୟତମ ଆଗୁଆ ରାଜ୍ୟ କେରଳ। ଏଣିକି ସେଠାରେ ସ୍କୁଲଗୁଡ଼ିକରେ ଛାତ୍ରୀଛାତ୍ରମାନେ ସେମାନଙ୍କର ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ମାଡାମ୍ କିମ୍ବା ସାର୍ ବଦଳରେ କେବଳ ଟିଚର ସମ୍ବୋଧନ କରିବେ। କେରଳ ରାଜ୍ୟ ଶିଶୁ ଅଧିକାର ସଂରକ୍ଷଣ ଆୟୋଗ ପକ୍ଷରୁ ଏପରି ଏକ ମହତ୍ତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଲିଙ୍ଗଗତ ନିରପେକ୍ଷତା ଦୃଷ୍ଟିରୁ ସ୍କୁଲରେ ଟିଚର ସମ୍ବୋଧନ ସପକ୍ଷରେ ଆୟୋଗ ପକ୍ଷରୁ ମତ ରଖାଯାଇଛି। ଏହା ଦ୍ୱାରା ପିଲାମାନଙ୍କ ମନରେ ଲିଙ୍ଗଗତ ଭେଦଭାବ ରହିବ ନାହିଁ। ଶିକ୍ଷକମାନଙ୍କୁ ମାଡାମ୍ ବା ସାର୍ ସମ୍ବୋଧନ କରିବା ଦ୍ୱାରା ପିଲାମାନଙ୍କ ମନରେ ପ୍ରଥମରୁ ସୃଷ୍ଟି ହେଉଥିବା ଲିଙ୍ଗଗତ ଭେଦଭାବକୁ ଦୂରକରିବା ପାଇଁ ଜଣେ ଆବେଦନକାରୀଙ୍କ ଦରଖାସ୍ତକୁ ବିଚାର କରି ଆୟୋଗ ପକ୍ଷରୁ ଏପରି ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ପ୍ରଥମରୁ ପିଲାମାନେ ଯେତେବେଳେ ବିଦ୍ୟାଳୟରେ ଲିଙ୍ଗଗତ ସମାନତାକୁ ବୁଝିବେ, ବଡ଼ ହେଲାପରେ ସେମାନଙ୍କ ବ୍ୟବହାରରେ ତାହା ବି ପ୍ରତିଫଳିତ ହେବ।

ପ୍ରକାଶ ଯୋଗ୍ୟ ଯେ ଦୁଇବର୍ଷ ପୂର୍ବେ ଏହିଭଳି ଏକ ପଦକ୍ଷେପ ସେହି କେରଳର ଗୋଟିଏ ଗ୍ରାମପଞ୍ଚାୟତ ପକ୍ଷରୁ ନିଆଯାଇଥିଲା। ଉପରୋକ୍ତ ବିଦ୍ୟାଳୟଠାରୁ ୧୪ କିଲୋମିଟର ଦୂରରେ ଥିବା ମଥୁର ପଞ୍ଚାୟତ ପକ୍ଷରୁ ସମସ୍ତ ପଞ୍ଚାୟତବାସୀଙ୍କୁ ପରାମର୍ଶ ଦିଆଯାଇଥିଲା ଯେ ସେମାନେ ପଞ୍ଚାୟତରେ କାର୍ଯ୍ୟରତ କର୍ମଚାରୀଙ୍କୁ ସାର୍ କିମ୍ବା ମାଡାମ୍ ଡାକିବା ବଦଳରେ ସେମାନଙ୍କ ପଦବୀ ଅନୁସାରେ ସମ୍ବୋଧନ କରନ୍ତୁ। ସେହିପରି ଗତବର୍ଷ କେରଳର ପାଲାକାଡ଼ ଜିଲା ଅନ୍ତର୍ଗତ ଓଲାସେରି ଗ୍ରାମରେ ଥିବା ସରକାରୀ ବିଦ୍ୟାଳୟରେ ଶିକ୍ଷକମାନଙ୍କୁ ସାର୍ କିମ୍ବା ମାଡାମଡାକିବା ବଦଳରେ ଟିଚର ସମ୍ବୋଧନ କରିବାକୁ କୁହାଯାଇଥିଲା। ପ୍ରଥମେ ପ୍ରଥମେ ପିଲାମାନଙ୍କୁ ଏହା ଅସୁବିଧା ହୋଇଥିଲେ ହେଁ ପରେ ଏହା ସହଜ ହୋଇଯାଇଥିଲା। ସେହି ସ୍କୁଲରେ ୯ ଜଣ ମହିଳା ଶିକ୍ଷକ ଥିବା ବେଳେ ଜଣେମାତ୍ର ପୁରୁଷ ଶିକ୍ଷକ ଥିଲେ। ସେହି ପୁରୁଷ ଶିକ୍ଷକଙ୍କ ପ୍ରୟାସ କ୍ରମେ ପ୍ରଧାନ ଶିକ୍ଷକ ଏପରି ପଦକ୍ଷେପ ନେଇଥିଲେ। ସେହି ପୁରୁଷ ଶିକ୍ଷକ ନିକଟସ୍ଥ ଏକ ସ୍ୱେଚ୍ଛାସେବୀ ସଂଗଠନ ବୋବାନ ମାଟୁମନ୍ଥାର ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ସେହି ଅନୁଷ୍ଠାନ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ସାର୍ ଓ ମାଡାମ୍ ସମ୍ବୋଧନକୁ ହଟାଇ ସେମାନଙ୍କ ପଦବୀ ଅନୁସାରେ ସମ୍ବୋଧନ କରିବାକୁ ଅଭିଯାନ ଚଳାଉଛି। ଏହା ପକ୍ଷରୁ କେରଳ ସରକାରଙ୍କୁ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଲିଙ୍ଗଗତ ପ୍ରଭେଦକୁ ଦୂରକରିବା ନିମନ୍ତେ ସାର୍ ବା ମାଡାମ୍ ପରିବର୍ତ୍ତେ ସେମାନଙ୍କ ପଦବୀରେ ସମ୍ବୋଧନ କରିବାକୁ ନିବେଦନ କରାଯାଇଛି।



କେବଳ ଭାରତ ନୁହେଁ, ବିଦେଶରେ ମଧ୍ୟ ଲୈଙ୍ଗିକ ଭେଦଭାବ ଦୂର ପାଇଁ ପ୍ରୟାସ ଜାରି ରହିଛି। ଫ୍ରାନ୍ସରେ କିଛି ସହରର ନାମକୁ ଚଳିତ ବର୍ଷ ସ୍ତ୍ରୀଲିଙ୍ଗକୁ ବଦଳା ଯାଇଛି। ଅର୍ଥାତ୍ ସହର ନାମ ଶେଷରେ ଆଉ ଏକ ଇଂଲିଶ 'ଇ' ଯୋଡ଼ା ଯାଇ ଏହାକୁ ସ୍ତ୍ରୀଲିଙ୍ଗ କରାଯାଇଛି। ଯେପରିକି ପାଣ୍ଟିନ ସହର ନାମରେ ଆଉ ଏକ ଇଂଲିଶ 'ଇ' ଯୋଡ଼ି ଏହାକୁ ପାଣ୍ଟିନି କରାଯାଇଛି ଓ ଦେଶବାସୀଙ୍କୁ ଲିଙ୍ଗଗତ ସମାନତା କ୍ଷେତ୍ରରେ ଏହା ସଚେତନ କରିବ ବୋଲି କୁହାଯାଉଛି।

ସାର୍ ଓ ମାଡାମ୍ ଏହି ଦୁଇଟି ଔପନିବେଶିକ ଶବ୍ଦ ଓ ଭାରତରେ ଏହା ଇଂରେଜ ଶାସନରୁ ପ୍ରଚଳିତ ହୋଇଆସୁଛି। ଲିଙ୍ଗଗତ ଆଧାରରେ ଏହା ସମ୍ମାନର ସହ ଉଚ୍ଚାରଣ ଓ ସମ୍ବୋଧନ କରାଯାଏ। କେରଳରେ ବିଦ୍ୟାଳୟଗୁଡିକରେ ଏହାକୁ ଉଠାଇଦେବା ପରେ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟରେ ବି ଲାଗୁକରାଯିବା ପାଇଁ ପ୍ରୟାସ ଜାରି ରହିବ ବୋଲି ବୋବାନ ମାଟୁମନ୍ଥା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ କୁହାଯାଇଛି।

ଲିଙ୍ଗଗତ ପ୍ରଭେଦ କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱରେ ଏହା ଅଳ୍ପ ବହୁତ ବିଦ୍ୟମାନ। ବର୍ଷ ବର୍ଷ ଧରି ପୁରୁଷମାନଙ୍କୁ ମହିଳାମାନଙ୍କଠାରୁ ଆଗରେ ରଖାଯାଇଛି। ସେଥିପାଇଁ ସମାଜକୁ ପୁରୁଷ ପ୍ରଧାନ ବୋଲି ଅନେକ ସମୟରେ ସମାଲୋଚନା କରାଯାଇଥାଏ। ଏପରିକି ଅନେକ ରାଷ୍ଟ୍ରରେ ମହିଳାମାନଙ୍କୁ ବହୁ ବିଳମ୍ବରେ ଭୋଟଦାନର ଅଧିକାର ମିଳିଥିଲା। ଶିକ୍ଷା, ନିଯୁକ୍ତିରେ ସେମାନଙ୍କୁ ପାତରଅନ୍ତର କରାଯାଉଥିଲା। ସଭ୍ୟତାର ବିକାଶ ସହ ସମାଜରେ ଅନେକ ପରିବର୍ତ୍ତନ ଆସୁଛି। ସେମାନଙ୍କ ଗୁରୁତ୍ୱକୁ ଉପଲବ୍ଧି କରି ସେମାନଙ୍କୁ ପୁରୁଷ ସହ ସମାନ ଦୃଷ୍ଟିରେ ଦେଖାଯାଉଛି। ପୁରୁଷ ଓ ମହିଳାଙ୍କ ମଧ୍ୟରେ ଭେଦଭାବ କ୍ରମଶଃ ହ୍ରାସ ପାଉଛି। ନାରୀ ସ୍ୱାଧୀନତା ଓ ସେମାନଙ୍କ ବିକାଶ କ୍ଷେତ୍ରରେ ଭାରତ ସମଗ୍ର ବିଶ୍ୱରେ ଏକ ଉଦାହରଣ। ସ୍ୱାଧୀନତା ହାସଲ ପରେ ଦୁଇଜଣ ମହିଳା ଭାରତର ସର୍ବୋଚ୍ଚ ଆସନ ରାଷ୍ଟ୍ରପତି ପଦରେ ଅଧିଷ୍ଠିତ ହେବା ନିଶ୍ଚିତ ଗୌରବର ବିଷୟ। ଶିକ୍ଷା, ରୋଜଗାର, ନିଯୁକ୍ତି, ସୁରକ୍ଷା, ଗବେଷଣା, ରାଜନୀତି ଓ କ୍ରୀଡ଼ା ଇତ୍ୟାଦି କ୍ଷେତ୍ରରେ ଭାରତୀୟ ନାରୀଙ୍କୁ ମିଳୁଛି ଅଭୂତପୂର୍ବ ସୁଯୋଗ ଓ ସଫଳତା। ପ୍ରତ୍ୟେକ କ୍ଷେତ୍ରରେ ନାରୀ ଓ ପୁରୁଷଙ୍କୁ ମିଳୁଛି ସମାନାଧିକାର। ଭାରତୀୟ ନାରୀଙ୍କୁ ମିଳୁଛି ପୁନର୍ବିବାହ ଅଧିକାର, ଛାଡ଼ପତ୍ର ଅଧିକାର, ପୈତୃକ ସମ୍ପତ୍ତିର ଅଧିକାର, ପୋଷ୍ୟପୁତ୍ର ଗ୍ରହଣର ଅଧିକାର। ଯୌତୁକ ପ୍ରଥା ଭଳି ସାମାଜିକ ବ୍ୟାଧି ଉଚ୍ଛେଦ ନାରୀଙ୍କୁ ପ୍ରଦାନ କରିଛି ସମ୍ମାନ ଓ ସ୍ୱାଭିମାନ। ଭାରତୀୟ ମହିଳା ସଶକ୍ତୀକରଣ ନୀତିକୁ ସମଗ୍ର ବିଶ୍ୱ କରୁଛି ଅନୁକରଣ।

ଅନ୍ତର୍ଜାତୀୟ ସଂସ୍ଥା ପିୟୁ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ୩୪ଟି ଦେଶରେ କରାଯାଇଥିବା ସର୍ବେକ୍ଷଣରୁ ଜଣାପଡିଛି ଯେ ୯୪ ଭାଗ ଲୋକ ଚାହାନ୍ତି ପୁରୁଷ ଭଳି ମହିଳାଙ୍କୁ ମଧ୍ୟ ସମସ୍ତ ଅଧିକାର ସମାନ ଭାବେ ମିଳୁ। କିନ୍ତୁ ବାସ୍ତବତା କିଛି ଭିନ୍ନ। ମୋଟା ଅଙ୍କଯୁକ୍ତ ଚାକିରି ପାଇବା କ୍ଷେତ୍ରରେ ଅଧିକାଂଶ ୟୁରୋପୀୟ ଦେଶ, ଜାପାନ, ଦକ୍ଷିଣ କୋରିଆ, ଇସ୍ରାଏଲ, କାନାଡା, ଅଷ୍ଟ୍ରେଲିଆ, ଯୁକ୍ତରାଷ୍ଟ୍ର ଆମେରିକା ଭଳି ରାଷ୍ଟ୍ରରେ ମହିଳାଙ୍କ ଅପେକ୍ଷା ପୁରୁଷଙ୍କୁ ମିଳୁଛି ଅଧିକ ସୁଯୋଗ। ସେହିଭଳି ରାଜନୀତି କ୍ଷେତ୍ରରେ ମଧ୍ୟ ଅନେକ ଦେଶରେ ଯେପରିକି ନାଇଜେରିଆ, ଦକ୍ଷିଣ କୋରିଆ, ଜାପାନ, ତୁର୍କୀ, ଇସ୍ରାଏଲ, ଲେବାନନ, ଇଟାଲୀ, ଟ୍ୟୁନିସିଆ, ଫ୍ରାନ୍ସ ଭଳି ଦେଶରେ ମହିଳାଙ୍କଠାରୁ ପୁରୁଷଙ୍କୁ ମିଳୁଛି ବେଶି ସୁଯୋଗ। ସର୍ବେକ୍ଷଣ କରାଯାଇଥିବା ଦେଶଗୁଡିକରୁ କିନ୍ତୁ ଗୋଟିଏ ଭଲ ଖବର ଜାଣିବାକୁ ମିଳିଥିଲା। ପରିବାରରେ ଉଭୟ ପତ୍ନୀ ଓ ପତି ଅର୍ଥ ଉପାର୍ଜନ କରିବା ଓ ମିଳିତ ଭାବେ ଘରର ଯତ୍ନ ନେବାକୁ ଅଧିକାଂଶ ସମର୍ଥନ କରିଥିଲେ। ମହିଳାମାନେ ଘରେ ରହି ପିଲାମାନଙ୍କର ଓ ଘରର ଯତ୍ନ ନେବା ସପକ୍ଷରେ ବହୁତ କମ୍ ମତ ମିଳିଥିଲା। ତେବେ ବର୍ଷ ବର୍ଷ ଧରି ରହିଆସିଥିବା ନାରୀ-ପୁରୁଷ ପ୍ରଭେଦର ଭାବନା ରାତାରାତି ଦୂର ହେବା ସହଜ ନୁହେଁ। ଲିଙ୍ଗଗତ ଭେଦଭାବ ସମ୍ପୂର୍ଣ୍ଣ ଦୂର ହେବାପାଇଁ ନିଶ୍ଚିତ ସମୟ ଲାଗିବ। ଏଥିପାଇଁ ବ୍ୟାପକ ଜନ ସଚେତନତା ସହ ସରକାରୀ କ୍ଷେତ୍ରରେ ଏହାକୁ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ଜରୁରୀ।

ମୋ-୯୪୩୭୨୩୨୪୬୩

# ନିଃସ୍ୱାର୍ଥପର ଦେଶସେବକ



**ଡ. ସିଦ୍ଧାର୍ଥ କାନୁନ୍‌ଗୋ**

ମଧୁସୂଦନ ହେଉଛନ୍ତି ଇଂରେଜମାନଙ୍କର ଶାସନାଧୀନ ଓଡ଼ିଶାର ପ୍ରଥମ ପବ୍ଲିକ୍ ମେନ୍। ତାଙ୍କର ମାନସପୁତ୍ର ଥିଲା ଉତ୍କଳ ସମ୍ମିଳନୀ। ଏହି ସମ୍ମିଳନୀ ମଣ୍ଡପରେ ଯୁଦ୍ଧଂଦେହି ଡାକରା ଦେଇ ସେ ଓଡ଼ିଶାର ନିସ୍ତରଙ୍ଗ ସାମାଜିକ ଜୀବନରେ ଜାତୀୟ ସ୍ୱାଭିମାନର ପୁନର୍ଜାଗରଣ ପାଇଁ ନେତୃତ୍ୱ ନେଇଥିଲେ। ମଧୁବାବୁଙ୍କର ନିରବଚ୍ଛିନ୍ନ ତପସ୍ୟା ଓ ସାଧନା ଦ୍ୱାରା ୧୯୩୬ ଏପ୍ରିଲ ପହିଲାରେ ଇଂରେଜ ସରକାର ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ପ୍ରଦାନ କଲେ ଏବଂ ଓଡ଼ିଶାବାସୀ ନିଜର ସ୍ୱତନ୍ତ୍ର ପରିଚୟ ପ୍ରଦାନ ପାଇଁ ସୁଯୋଗ ପାଇଲେ। ଏଠାରେ ଉଲ୍ଲେଖଯୋଗ୍ୟ, ଭାଷାଭିତ୍ତିରେ ଗଠିତ ରାଜ୍ୟଗୁଡ଼ିକ ମଧ୍ୟରୁ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ।

୧୯୦୩ ଡିସେମ୍ବର ୩୦-୩୧ରେ ଉତ୍କଳ ସମ୍ମିଳନୀର ଜନ୍ମଦିନଠାରୁ ୧୯୨୦ ପର୍ଯ୍ୟନ୍ତ ମଧୁବାବୁ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ ନେତା। ତାଙ୍କର ମହାନ୍ ଆଦର୍ଶ ଓ ଦୂରଦୃଷ୍ଟିରେ ଅନୁପ୍ରାଣିତ ହୋଇ ଉତ୍କଳ ସମ୍ମିଳନୀ ମଞ୍ଚରେ ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ଏକତ୍ର ହୋଇଥିଲେ ରାଜା, ମହାରାଜା, ସାମନ୍ତ, ଜମିଦାର, ସରକାରୀ କର୍ମଚାରୀ ଏବଂ ସାଧାରଣ ଜନତା। ୧୯୨୦ ମସିହାରେ ସିଂହଭୂମର ଚକ୍ରଧରପୁର ଉତ୍କଳ ସମ୍ମିଳନୀ ଅଧିବେଶନରେ ମଧୁବାବୁଙ୍କ ପ୍ରଭାବକୁ ପ୍ରତିହତକରି ଉତ୍କଳମଣି ଗୋପବନ୍ଧୁ ଉତ୍କଳ ସମ୍ମିଳନୀ ପ୍ରଭାବ ବିସ୍ତାର କରିଥିଲେ। ଏହାର ପରିଣାମ ହେଲା ନୈରାଶ୍ୟଜନକ। କ୍ରମଶଃ ରାଜା ମହାରାଜାଙ୍କର ପ୍ରତ୍ୟକ୍ଷ ଅଂଶଗ୍ରହଣ ଆଉ ସମ୍ଭବ ହେଲାନାହିଁ। ନାନା ପ୍ରତିକୂଳ ପରିବେଶ ମଧ୍ୟରେ ମଧୁସୂଦନ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଓଡ଼ିଶାର ପ୍ରଗତି ପାଇଁ ନିଜକୁ କାୟମନୋବାକ୍ୟରେ ଉତ୍ସର୍ଗ କରିଥିଲେ ଏବଂ ଏ ଜାତି ପାଇଁ ସର୍ବସ୍ୱ ଦାନ କରି ଦେବାଳିଆ ହୋଇଥିଲେ।

ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନର ସାଫଲ୍ୟ ଉପରେ ମତବ୍ୟକ୍ତ କରି ବଙ୍ଗଳାର ବିଖ୍ୟାତ ଖବରକାଗଜ ଅମୃତ ବଜାର ପତ୍ରିକା ମଧୁବାବୁଙ୍କ ନେତୃତ୍ୱ ସମ୍ପର୍କରେ ଯେଉଁ ମତବ୍ୟକ୍ତ କରିଥିଲେ, ତାହା ଥିଲା ଏପରି। କହିବା ବାହୁଲ୍ୟ ଏହି ସମ୍ମିଳନୀର ସମସ୍ତ ସାଫଲ୍ୟ ମଧୁବାବୁଙ୍କର ଶ୍ରେୟ ପାଇଁ ମଧୁବାବୁ ହିଁ ଦାୟୀ ବୋଲି ଅମୃତ ବଜାର ପତ୍ରିକା ମତବ୍ୟକ୍ତ କରିଥିଲା। ଏହାର ଉତ୍ତରରେ ମଧୁବାବୁ କହିଥିଲେ – ''ମୋ ଜାତି ପାଇଁ ମୁଁ ଯାହା କରୁଛି, ତାହା ମୋର କର୍ତ୍ତବ୍ୟ ଜାଣି କରୁଛି।'' ସେତେବେଳେ ମଧୁବାବୁଙ୍କର ଆନ୍ତରିକ ନିବେଦନ ଥିଲା– ଅନ୍ତତଃ 'ଦୈନନ୍ଦିନ ଜୀବନରେ ୫ ମିନିଟ୍ ଓଡ଼ିଶାର ଉନ୍ନତି ପାଇଁ ଚିନ୍ତା କରନ୍ତୁ। ସେହିପରି ଭାରତ ଜନନୀର ସେବାରେ ୫ ମିନିଟ୍ ବିନିଯୋଗ କରନ୍ତୁ।'' ଏଠାରେ ଉଲ୍ଲେଖଯୋଗ୍ୟ , ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ମଧୁବାବୁ ନିଜର ମନ ପ୍ରାଣ ଢାଳି ଦେଇଥିବାରୁ ତାଙ୍କୁ କେହି କେହି ସର୍ବଭାରତୀୟ ନେତାର ମାନ୍ୟତା ଦେବାକୁ କୁଣ୍ଠାବୋଧ କରନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ଓଡ଼ିଶା ପାଇଁ ଆଜୀବନ ନିଜକୁ ଉତ୍ସର୍ଗ କରିଥିଲେ ହେଁ ମହାଭାରତୀୟ ଭାବନାରୁ ସେ ଦୂରେଇଯାଇ ନ ଥିଲେ।

ମହାତ୍ମା ଗାନ୍ଧୀଙ୍କର ବହୁ ପୂର୍ବରୁ ସେ କୁଟୀର ଶିଳ୍ପ, ଗ୍ରାମ୍ୟ ଅର୍ଥନୀତି, ଲୁଣମରା ଅଭିଯାନ ଏବଂ ସ୍ୱଦେଶୀ ଶିଳ୍ପ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ମହାତ୍ମା ଗାନ୍ଧୀଙ୍କର ବହୁ ପୂର୍ବରୁ ସେ ସମ୍ମିଳନୀ ମଣ୍ଡପରେ ବସି ଅରଟରେ ସୂତା କାଟିଥିଲେ। ସ୍ଥଳବିଶେଷରେ ମହାତ୍ମା ଗାନ୍ଧୀ ମଧୁସୂଦନଙ୍କୁ ନିଜ ଗୁରୁ ବୋଲି ସ୍ୱୀକାର କରିଛନ୍ତି। ମଧୁବାବୁଙ୍କର ଉତ୍କଳ ଟ୍ୟାନେରି ଦେଖି ମହାତ୍ମା ଗାନ୍ଧୀ ଅଭିଭୂତ ହୋଇଯାଇଥିଲେ। ମହାତ୍ମା ଗାନ୍ଧୀ ନିଜ ସମ୍ପାଦିତ ପତ୍ରପତ୍ରିକାରେ ଏକଥା ସ୍ୱୀକାର କରି କହିଛନ୍ତି ଯେ, ଏ ଦିଗରେ ମଧୁବାବୁ ତାଙ୍କ ଆଖି ଫିଟାଇଦେଲେ। ସମାଜର ନିମ୍ନବର୍ଗର ଲୋକଙ୍କର ଜୀବିକା ଅର୍ଜନ ପାଇଁ ସେ ଏକ ମାର୍ଗ ଖୋଲିଥିଲେ ବୋଲି ମହାତ୍ମା ଗାନ୍ଧୀ ମତବ୍ୟକ୍ତ କରିଥିଲେ। ଏପରିକି ଚମଡ଼ା କଷେଇ ଶିଳ୍ପର ପ୍ରସାରଣ ପାଇଁ ସେ ମଧୁସୂଦନଙ୍କର ମାର୍ଗ ଦର୍ଶନ ପାଇଁ ଅନୁରୋଧ କରିଥିଲେ।



**ମଧୁସୂଦନଙ୍କ ତିରୋଧାନ ଦିବସ ଉପଲକ୍ଷେ**

ଓଡ଼ିଶାରେ ଶିଳ୍ପ, ଶିକ୍ଷା, କ୍ରୀଡ଼ା ଓ ରଙ୍ଗମଞ୍ଚ ପ୍ରତିଷ୍ଠା କ୍ଷେତ୍ରରେ ସେ ଥିଲେ ଅଗ୍ରଗଣ୍ୟ ବ୍ୟକ୍ତିତ୍ୱ। ଓଡ଼ିଶାର ସାମ୍ବାଦିକତା କ୍ଷେତ୍ରରେ ତଥା ରାଜନୀତି କ୍ଷେତ୍ରରେ ତାଙ୍କର ଭୂମିକା ଥିଲା ପ୍ରଭାବଶାଳୀ। କୁସଂସ୍କାରାଚ୍ଛନ୍ନ ଦେଶରେ ନାରୀ ଶିକ୍ଷା ପାଇଁ ତାଙ୍କର ଉଦ୍ୟମ ଥିଲା ଅତ୍ୟନ୍ତ ପ୍ରଶଂସନୀୟ। ମଧୁବାବୁଙ୍କର ଅକାଟ୍ୟ ଯୁକ୍ତି ଓ ଦାବି ଆଗରେ ମୁଣ୍ଡ ନୁଆଁଇ ଭାରତ ସରକାର ନାରୀମାନଙ୍କୁ ଆଇନଜୀବୀ ଭାବରେ କାର୍ଯ୍ୟ କରିବା ପାଇଁ ଅଧିକାର ପ୍ରଦାନ କରିଥିଲେ।

ବିବିଧ କାରଣରୁ ଓଡ଼ିଶାର ଇଂରେଜ ପ୍ରଶାସକମାନେ ଓଡ଼ିଶାବାସୀଙ୍କ ଦୁଃଖ ଦୁର୍ବିପାକ ପ୍ରତି ସମ୍ବେଦନଶୀଳ ନ ଥିଲେ। ମଧୁବାବୁ ପ୍ରଥମେ ବିଲାତ ଖବରକାଗଜରେ ଓଡ଼ିଆବାସୀଙ୍କର ଦୁଃଖ ଦୁର୍ଦ୍ଦଶାକୁ ବ୍ରିଟିଶ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଇଂରେଜ ସାମ୍ବାଦିକ ନାଭିନସନଙ୍କୁ ନିମନ୍ତ୍ରଣ କରିଆଣିଥିଲେ ଓଡ଼ିଶାକୁ। ଏହାପରେ ବ୍ରିଟିଶ ସରକାରଙ୍କର କୁମ୍ଭକର୍ଣ୍ଣ ନିଦ୍ରା ଭଙ୍ଗହୋଇଥିଲା। ଆଜି ସାମ୍ୟବାଦୀ ରାଜନୈତିକ ଦଳଗୁଡ଼ିକ କୃଷକର ଜାଗୃତି ପାଇଁ ନେତୃତ୍ୱ ପ୍ରଦାନ କରୁଛନ୍ତି। କିନ୍ତୁ ଏଠାରେ କହିବାକୁ ଉଚିତ ମନେକରୁଛୁ ଯେ, ରୁଷିଆର ଅକ୍ଟୋବର ବିପ୍ଳବର ବହୁ ପୂର୍ବରୁ ମଧୁସୂଦନ ୧୯୦୯ରେ କୃଷକମାନଙ୍କର ଉନ୍ନତି ପାଇଁ ଗଠନ କରିଥିଲେ ପ୍ରଜା ପରିଷଦ। କେବଳ ସେତିକି ନୁହେଁ, ବଙ୍ଗଦେଶର ବିଧାନସଭାରେ ସଭ୍ୟ ଭାବରେ ଜମିଦାରମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଆଗତ କରାଯାଇଥିବା ପ୍ରଜାସ୍ୱତ୍ୱ ବିଲ୍ ବିରୋଧରେ ମତବ୍ୟକ୍ତ କରିଥିଲେ। ମଧୁବାବୁଙ୍କର ଅକାଟ୍ୟ ଯୁକ୍ତିଦ୍ୱାରା ପ୍ରଭାବିତ ହୋଇ ବଡଲାଟ୍ ଲର୍ଡହାର୍ଡିଂଜ ଏହି ବିଲ୍‌କୁ ମଞ୍ଜୁରୀ ପ୍ରଦାନ କରି ନ ଥିଲେ।

ଆମ ମତରେ ଉତ୍କଳ ସମ୍ମିଳନୀ ଯେଉଁ ଉଦାତ୍ତ ଜାତୀୟ ଭାବ ପ୍ରକାଶ କରିଥିଲା ତାହା ମଧୁସୂଦନଙ୍କ ତିରୋଧାନ (୧୯୩୪) ସଙ୍ଗେ ସଙ୍ଗେ ହ୍ରାସ ପାଇବାକୁ ଲାଗିଲା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ହେଲା ଛତିଶ ଗଡ଼ଜାତ ଓ ମୟୂରଭଞ୍ଜ ମିଶିଲା। ସେପଟେ ଷଢ଼େଇକଳା ଓ ଖରସୁଆଁ ଆଦି ନିରୋଳା ଓଡ଼ିଆଭାଷୀ ଅଞ୍ଚଳ ଓଡ଼ିଶାରୁ ପୃଥକ୍ ହୋଇ ବିହାର ସହିତ ମିଶିଲା। ମଧୁବାବୁ ଓ ଉତ୍କଳ ସମ୍ମିଳନୀକୁ ବିରୋଧ କରୁଥିବା ନେତା ପରବର୍ତ୍ତୀ ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି। ଏହାର ବିସ୍ତୃତ ତଥ୍ୟ ମଧୁପ୍ରେମୀ ସୁରେନ୍ଦ୍ର ମହାନ୍ତିଙ୍କର ଆତ୍ମଜୀବନୀ 'ପଥ ଓ ପୃଥିବୀ'ରୁ ସୂଚନା ମିଳେ। ସତରେ, ଆଜି ମଧ୍ୟ ଏହାକୁ ପାଠକଲେ ଆମ ଆଖିରୁ ଏସବୁ ନେତାଙ୍କର ବିଶ୍ୱାସଘାତକତା ନେଇ ଦୁଇବୁନ୍ଦା ଲୁହ ଝରିପଡ଼େ। ମୃତ୍ୟୁର ୮୮ ବର୍ଷ ପରେ ମଧ୍ୟ ମଧୁବାବୁ ଆଜି ପ୍ରଚଣ୍ଡ ବିସ୍ମୟ ଭାବେ ପ୍ରତିଭାତ। ଏହି ଉପଲକ୍ଷେ ଏହି ଦିବ୍ୟଦ୍ରଷ୍ଟା ନେତା ଓ ସାଧକଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି।

**ଚୈତନ୍ୟ ଧାମ, ଶବରସାହି**
**ଭୁବନେଶ୍ୱର, ମୋ: ୯୪୩୮୦୭୨୮୫୦**

## ଏଇ ଭାରତରେ

ବହୁ ସମୟରେ ବିଭିନ୍ନ ଅଞ୍ଚଳରେ ସାମାଜିକ କଟକଣା ମହିଳାମାନଙ୍କୁ ସେମାନଙ୍କ ଲକ୍ଷ୍ୟ ହାସଲରେ ବାଧକ ସାଜିଥାଏ ; ଯାହା ଘଟିଥିଲା ସୁରଜ ବାଈଙ୍କ ଜୀବନରେ। ରାଜସ୍ଥାନର ରାଣ୍ଠମ୍ଭୋର ଜାତୀୟ ଉଦ୍ୟାନ ନିକଟ ଏକ ଗାଁରେ ରହନ୍ତି ସୁରଜ। ସେହି ଗାଁରେ ବାଳିକାଙ୍କୁ ଶିକ୍ଷାପ୍ରାପ୍ତ କରି କ୍ୟାରିୟର ଗଢ଼ିବା ମନା। କେବଳ ରୋଷେଇ କରିବା, ସନ୍ତାନ ଜନ୍ମ ଦେଇ ତା'ର ଲାଳନପାଳନ ଓ ଘରଦ୍ୱାର ସଫା କାର୍ଯ୍ୟ ପାଇଁ ସେମାନଙ୍କ ଜନ୍ମ ବୋଲି ସେମାନଙ୍କୁ କୁହାଯାଇଥାଏ। ଏପରି କି ଜଣେ ଝିଅ ଶିକ୍ଷିତା ହେଲେ ସେହି ଝିଅର ପିତାଙ୍କୁ ଦୁଇଗୁଣ ଯୌତୁକ ଦେବାକୁ ପଡ଼େ। ସୁରଜ ଏଭଳି ଜୀବନ ନ ଜିଇବାକୁ ପିଲାଦିନୁ ନିଷ୍ପତ୍ତି ନେଇ ପଢ଼ିବା ଆରମ୍ଭ କରିଥିଲେ। ଏଥିରେ ତାଙ୍କ ଭାଇ ହେମରାଜ ତାଙ୍କୁ ପ୍ରେରିତ କରିବା ସହ ପାଖ ଗାଁର ଏକ ହିନ୍ଦୀ ସ୍କୁଲ୍‌ରେ ନାମ ଲେଖାଇଥିଲେ। ଏହାକୁ ଗାଁ ଲୋକେ ବିରୋଧ କରିଥିଲେ। କିନ୍ତୁ ଏଭଳି କଟକଣାକୁ ଖାତିର ନ କରି ୧୬ ବର୍ଷ ବୟସରେ ସୁରଜ ରାଣ୍ଠମ୍ଭୋରର ପ୍ରଥମ ମହିଳା ପରିବେଶବିତ୍ ଓ ଗାଇଡ୍ ହୋଇପାରିଥିଲେ। ଏବେ ତାଙ୍କ ବୟସ ୩୩। ବର୍ତ୍ତମାନ ସେ ପର୍ଯ୍ୟଟକଙ୍କୁ ସେଠାକାର ପଶୁପକ୍ଷୀଙ୍କ ସମ୍ପର୍କରେ ଅବଗତ କରାଉଛନ୍ତି ଓ ବିଭିନ୍ନ ସ୍କୁଲକୁ ବନ୍ୟପ୍ରାଣୀ ଏବଂ ପକ୍ଷୀଙ୍କ ବିଷୟରେ କହିବାକୁ ଯାଉଛନ୍ତି। ଏଥିପାଇଁ ତାଙ୍କୁ ବେଷ୍ଟ ଲେଡି ଗାଇଡ୍ ଭାବେ ସମ୍ମାନିତ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୪ ଫେବୃୟାରୀ ୧୯୯୮

- ଆଲଜେରିଆ ନିରାପତ୍ତା ବାହିନୀର ସୈନ୍ୟମାନଙ୍କ ଅଚାନକ ଆକ୍ରମଣରେ ୧୫ ଜଣ ବେସାମରିକ ନାଗରିକ ସମେତ ୭୦ ବିଦ୍ରୋହୀ ନିହତ।
- ଦକ୍ଷିଣ ମିନ୍ଦାନାଓ ଦ୍ୱୀପରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଫିଲିପାଇନ୍ସର ଏକ ଯାତ୍ରୀବିମାନ ମଧ୍ୟରୁ ୩୦ଟି ମୃତଦେହ ମିଳିଥିବା ବେଳେ ୧୫ ଯାତ୍ରୀଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଖାଦ୍ୟ ଅପଚୟ ରୋକାଯାଉ

ମହାଶୟ,

ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ବିଶ୍ୱରେ ଭୋକିଲାଙ୍କ ସମ୍ପର୍କରେ ତଥ୍ୟ ପ୍ରକାଶ ପାଇଛି ଯେ, ବିଶ୍ୱରେ ଆବଶ୍ୟକ ପରିମାଣର ଖାଦ୍ୟ ଉତ୍ପାଦନ ହେଉଥିଲେ ମଧ୍ୟ ଅନେକ ଦେଶ ଖାଦ୍ୟ ସଂକଟ ଦେଇ ଗତି କରୁଛନ୍ତି। ଏହା ପଛରେ ମୁଖ୍ୟ କାରଣ ହେଉଛି ଖାଦ୍ୟ ଅପଚୟ ବା ନଷ୍ଟ। ଫୁଡ୍ ଆଣ୍ଡ ଏଗ୍ରିକଲ୍‌ଚର ଅର୍ଗାନାଇଜେସନ (ଏଫ୍‌ଏଓ) କହିଛି ଯେ, ୨୦୧୯ରେ ଖାଦ୍ୟାଭାବ କାରଣରୁ ବିଶ୍ୱର ୬୯୦ ନିୟୁତ ଲୋକ ଭୋକିଲା ରହିଥିଲେ। ନିକଟରେ ଜାତିସଂଘ ପର୍ଯ୍ୟାବରଣ କାର୍ଯ୍ୟକ୍ରମ (ୟୁଏନ୍‌ପି) ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱରେ ୮୩ କୋଟି ଲୋକ ଭୋକ ଉପାସରେ ରହୁଛନ୍ତି। ଯଦି ଖାଦ୍ୟ ନଷ୍ଟକୁ ରୋକାଯାଇପାରିବ, ତେବେ ଭୋକରେ ରହୁଥିବା ଲୋକଙ୍କୁ ପେଟପୂରା ଖାଦ୍ୟ ଯୋଗାଇ ଦେବା ସମ୍ଭବ ହେବ। ତେବେ ଚିନ୍ତାର କାରଣ ଯେ, ଖାଦ୍ୟ ନଷ୍ଟ ବା ଅପଚୟରେ ଚାଇନା ପ୍ରଥମ ସ୍ଥାନରେ ଥିବାବେଳେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ଖାଦ୍ୟାଭାବ ଯୋଗୁ ଦେଶର ୩୩ଲକ୍ଷ ଶିଶୁ କୁପୋଷଣର ଶିକାର। ଖାଦ୍ୟ ଅପଚୟ ରୋକାଯାଇପାରିଲେ କୁପୋଷଣର ଅନ୍ତ ଘଟିବ।

**–ସୌଭାଗ୍ୟ ରଂଜନ ମହାନ୍ତି, ଶିଶୁପାଳଗଡ଼, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସେହି ଲୋତକ ହୃଦୟ ଭରି
ନୟନୁଁ ମୋ ପଡ଼ଇ ଝରି,
ସେହି ଲୋତକେ ପ୍ଲାବଇ ମୋର ଅନ୍ତର
ସେହି ଲୋତକେ ଆସ ଗୋ ତୁମେ ସନ୍ତର।
–(ବର୍ଷା ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର ୪ ଫେବୃୟାରୀ, ୨୦୨୩



## କାୟାକଳ୍ପ କାର୍ଯ୍ୟ ପରିଦର୍ଶନ କଲେ ରାଜ୍ୟସ୍ତରୀୟ ଟିମ୍

ଖଇରା: ରାଜ୍ୟସ୍ତରୀୟ ମେଡିକାଲ ଟିମ ଗୁରୁବାର ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କାୟାକଳ୍ପ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ଟିମ୍‌ର ମୁଖ୍ୟ ପରାମର୍ଶଦାତା ଭାବେ ଡା. ନିରୋଦ କୁମାର ସାହୁ, ସହଯୋଗୀ ଭାବେ ଡା. ସରୋଜ କୁମାର ପାଣିଗ୍ରାହୀ ଓ ଡା. ଜ୍ୟୋତି ପ୍ରକାଶ, ଜିଲା ଅତିରିକ୍ତ ପରିଚାଳକ ଏଲିନା ସାମଲ, ମାନ ନିର୍ଦ୍ଧାରକ ସଞ୍ଜୟ ପରିଡ଼ା ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରର ଭିତର ଓ ବାହାର କାର୍ଯ୍ୟ ବୁଲି ଦେଖିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ପ୍ରଭାକର ମିଶ୍ର. ବିପିଏମ୍ ସୂର୍ଯ୍ୟକାନ୍ତ ବାରିକଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମହିଳାଙ୍କୁ ପୋଡ଼ି ହତ୍ୟା ଘଟଣା: ସ୍ୱାମୀ,ପୁଅ ଗିରଫ

ରୂପସା,୩।୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ବସ୍ତା ଥାନା ପାଉଁଶକୁଲି ପଞ୍ଚାୟତ ଅନ୍ତର୍ଗତ ବେଗୁନିଆ ଗ୍ରାମରେ ଗତ ଜାନୁଆରୀ ୨୨ ତାରିଖରେ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପୋଲିସ ଜବତ କରିଥିଲା। ମୃତ ମହିଳା ହେଲେ ନରହରି ନାୟକଙ୍କ ସ୍ତ୍ରୀ ମଞ୍ଜୁଲତା (୫୭)। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨/୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଘଟଣାସ୍ଥଳରେ ମାଜିଷ୍ଟ୍ରେଟ ତହସିଲଦାର କାର୍ତ୍ତିକ କୁମାର ଦାସ, ଆଇଆଇସି ବାରିଣୀ ଦାସ ଓ ପୋଲିସଙ୍କ ଉପସ୍ଥିତିରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ସନ୍ଧାନୀ କୁକୁର ସହ ଛାନଭିନ୍ ଆରମ୍ଭ କରିଥିଲେ। ମହିଳାଙ୍କ ବାପଘର ପକ୍ଷରୁ ହତ୍ୟା ଅଭିଯୋଗ ହେବା ପରେ ପୋଲିସଏକ ହତ୍ୟା ମାମଲା (ନଂ.୨୩/୨୩) ରୁଜୁ କରିଥିଲା। ତଦନ୍ତ ପରେ ପୋଲିସ ଅଭିଯୁକ୍ତ ସ୍ୱାମୀ ନରହରି ଓ ପୁଅକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଜେଲ ହାଜତକୁ ପଠାଯାଇଛି।

### ବାଇକ୍ ଡିକି ଭାଙ୍ଗି ୪୦ ହଜାର ଟଙ୍କା, ସୁନା ଅଳଙ୍କାର ଲୁଟ୍

ଭଦ୍ରକ ଅଫିସ, ୩।୨-ଭଦ୍ରକ ଚରମ୍ପା ବଜାରରେ ଶୁକ୍ରବାର ଜଣେ ବ୍ୟବସାୟୀଙ୍କ ବାଇକ୍ ଡିକି ଭାଙ୍ଗି ୪୦ ହଜାର ଟଙ୍କା ସହ ସୁନା ଅଳଙ୍କାର ଦୁର୍ବୃତ୍ତ ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ, ଶଶିକାନ୍ତ ପୃଷ୍ଟି ନାମକ ବ୍ୟବସାୟୀ ଚରମ୍ପା ବଜାରରେ ବାଇକ୍ ରଖି ଏସ୍‌ବିଆଇ ଏଟିଏମ୍‌କୁ ଟଙ୍କା ଉଠାଇବାକୁ ଯାଇଥିଲେ। ଟଙ୍କା ଉଠାଇ ଆସି ବାଇକ୍ ଡିକି ଖୋଲାଥିବା ଦେଖିଥିଲେ। ଗାଡ଼ି ଡିକିରେ ଥିବା ନଗଦ ୪୦ ହଜାର ଟଙ୍କା, ୪ଟି ସୁନା ମୁଦି ସହ ବ୍ୟାଙ୍କ ପାସ୍‌ବୁକ ଓ କେତେକ କାଗଜପତ୍ର ଲୁଟ୍ ହୋଇଥିବା ସେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି।

### ଚୋରା କାଠ ବୋଝେଇ ଗାଡ଼ି ଜବତ



ନୀଳଗିରି,୩।୨(ସ୍ୱ.ପ୍ର)- ବାଲେଶ୍ୱର ଜିଲା ନୀଳଗିରି ବନ ବିଭାଗ ଶୁକ୍ରବାର ଚଢ଼ାଉ କରି ଚୋରାକାଠ ବୋଝେଇ ଏକ ପିକଅପ୍ ଭ୍ୟାନ ଜବତ କରିଛି। ଅଯୋଧାରୁ ସଜନାଗଡ଼କୁ ସଂଯୋଗ କରୁଥିବା ରାସ୍ତାର ଆନନ୍ଦପୁରଠାରେ ଏହି ଗାଡ଼ି ଜବତ କରାଯାଇଛି। ଚଢ଼ାଉ ବେଳେ ଗାଡ଼ି ଛାଡ଼ି ଡ୍ରାଇଭର ଓ ଅନ୍ୟମାନେ ଫେରାର ହୋଇଯାଇଥିଲେ। ଏହି ଗାଡ଼ିରେ ୬୦ ସିଫ୍ଟ ବାଲି ଶିଶୁ ଓ ନିମ ଗଣ୍ଡି ଥିବା ବନବିଭାଗ ପ୍ରକାଶ କରିଛି। ଚଢ଼ାଉରେ ନୀଳଗିରି ରେଞ୍ଜର ଆଇଶା ଅକତାରି ନିଶା, କୁଲଡ଼ିହା ରେଞ୍ଜର ଅନନ୍ତ କୁମାର ଜେନା, ଫରେଷ୍ଟର ରାମ ଲେଙ୍କା ଓ ସରୋଜ ପ୍ରଧାନ, ଫରେଷ୍ଟ ଗାର୍ଡ କବିତା ମହାକୁଡ଼ଙ୍କ ସମେତ ସ୍କ୍ୱାଡ୍ ଏବଂ ଗଜ ସାଥୀ କର୍ମଚାରୀ ସାମିଲ୍ ଥିଲେ। ଉଲ୍ଲେଖଯୋଗ୍ୟ, ନୂତନ ରେଞ୍ଜର କାର୍ଯ୍ୟରେ ଯୋଗଦେବାର ଏକ ମାସ ମଧ୍ୟରେ ୩ କାଠ ବୋଝେଇ ଗାଡ଼ି ଜବତ କରିଛନ୍ତି।

### ୧୧ରୁ ବାସୁଦେବପୁର ପାଲା ମହୋତ୍ସବ

ବାସୁଦେବପୁର,୩।୨ (ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ପାଲା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ପୌରପାଳିକାର ସାତଭଉଣୀ ପୀଠସ୍ଥିତ ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୧୧ ତାରିଖରୁ ଦୁଇଦିନ ଧରି ସହରସ୍ଥିତ ନୀଳମଣି ଟାଉନହଲ୍‌ଠାରେ ମହୋତ୍ସବ ଅନୁଷ୍ଠିତ ହେବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଦୁଇଦିନ ଧରି ସକାଳ ୧୦ରୁ ରାତି ୧୦ଟା ପର୍ଯ୍ୟନ୍ତ ପାଲା ପରିବେଷଣ କରାଯିବାକୁ ସ୍ଥିର ହୋଇଛି। ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳର ସଭାପତି ସନାତନ ପୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସମ୍ପାଦକ କପିଳନାଥ ଶର୍ମା, ସ୍ଥାୟୀ ସଭାପତି ନାରାୟଣ ପ୍ରସାଦ ବାରିକ, ବରିଷ୍ଠ ପାଲାଗାୟକ ତଥା ଉପଦେଷ୍ଟା ଅମୂଲ୍ୟରତ୍ନ ସାହୁ, ବନବିହାରୀ ସାହୁ, ନୀଳକଣ୍ଠ ପାତ୍ର, ଶ୍ୟାମସୁନ୍ଦର ମହାନ୍ତିଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ପାଲାଗାୟକ, ସଙ୍ଗୀତ କଳାକାର ଉପସ୍ଥିତ ରହି ମତ ରଖିଥିଲେ। ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳ ସରକାରୀ ଭାବେ ପଞ୍ଜୀକୃତ ହୋଇଥିବାରୁ ସମସ୍ତ ସଦସ୍ୟ, କର୍ମକର୍ତ୍ତା ସଭାପତି ଓ ସମ୍ପାଦକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ବନ କର୍ମଚାରୀଙ୍କୁ ଘେରିଲେ ଗ୍ରାମବାସୀ

ପାଟଣା,୩।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ରେଞ୍ଜଘଣ୍ଡ ବିଟ୍ ରୋହଣି ଦୁମା ଗ୍ରାମର ଅନନ୍ତ ମାଝୀଙ୍କ କ୍ଷତାକ୍ତ ମୃତଦେହ ଗୁରବାର ରାତିରେ ଡୁମୁରିଆ ରୋହଣୀ ଦୁମା ରାସ୍ତାରୁ ଜବତ ହୋଇଥିଲା। ଉକ୍ତ ଅଞ୍ଚଳରେ ବାଘ ବୁଲୁଥିବା ନେଇ ଆତଙ୍କ ଦେଖାଯାଇଥିବାରୁ ପରିବାର ଲୋକେ ବୃଦ୍ଧଙ୍କୁ ବାଘ ମାରିଥିବା ଅଭିଯୋଗ କରିଛନ୍ତି। ଶୁକ୍ରବାର ଗ୍ରାମବାସୀ ବନ କର୍ମଚାରୀଙ୍କୁ ଅଟକ ରଖି କ୍ଷତିପୂରଣ ଦାବି କରିଥିଲେ। ରେଞ୍ଜର ବୁଝାସୁଝା ପରେ ଶାନ୍ତ ହୋଇଥିଲେ।

ପ୍ରକାଶ ଯେ, ଅଟେଇ ସଂରକ୍ଷିତ ଜଙ୍ଗଲ ଅଧୀନ ଉକ୍ତ ବିଟ୍ ଅଞ୍ଚଳରୁ ଗୁରୁବାର ଦ୍ୱିପ୍ରହରରେ ଏକ ବାର୍‌ହାର ବିଦାରିତ ଗଳିତ ମୃତଦେହ ବନ ବିଭାଗ ଠାବ କରିଥିଲା। ସନ୍ଧ୍ୟାରେ ଜଙ୍ଗଲରୁ ୨ ଶହ ମିଟର ଦୂରରେ ଅନନ୍ତଙ୍କ କ୍ଷତାକ୍ତ ମୃତଦେହ ଜବତ ହୋଇଥିଲା। ଜଙ୍ଗଲରେ ଥିବା ବାଘ ଆକ୍ରମଣରେ ଅନନ୍ତଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ରୋହିଣୀ ଦୁମାର ୫



ବନ କର୍ମଚାରୀଙ୍କୁ ଗ୍ରାମବାସୀ ଅଟକ ରଖିଛନ୍ତି।

ଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଖଡ଼ି ଘାଟି ନିକଟରେ ପାଟଣା ରେଞ୍ଜର ଘାସୀନାଥ ପାତ୍ର, ସହ ବନପାଳ ଚିତ୍ତରଞ୍ଜନ ପରିଡ଼ା, ପିଅନ ନାଏକ ଓ ଗାର୍ଡ ପ୍ରଯୁକ୍ତା ଜେନାଙ୍କୁ ଅଟକ ରଖି କ୍ଷତିପୂରଣ ଦାବି କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟରେ ବାଘ ଆକ୍ରମଣରେ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହେଲେ ବନ ବିଭାଗ ପକ୍ଷରୁ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ରେଞ୍ଜର ପ୍ରତିଶ୍ରୁତି ଦେବା ପରେ ଲୋକେ ହଟିଥିଲେ।

ଅନ୍ୟପକ୍ଷେ ଶୁକ୍ରବାର ଘଟଗାଁ ପୋଲିସ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନନ୍ତଙ୍କ ଶବ ବ୍ୟବଚ୍ଛେଦ କରାଇଥିଲା। ଥାନାରେ (ନଂ. ୯/୨୩) ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଘଟଗାଁ ଏସ୍‌ଡିପିଓ ସୁଶୀଲ ମିଶ୍ର ଓ ଥାନା ଅଧିକାରୀ ପ୍ରତିଭା ସାହୁ ସୂଚନା ଦେଇଛନ୍ତି।

ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ. ଲକ୍ଷ୍ମଣ ମହାନ୍ତ କହିଛନ୍ତି, ଅନନ୍ତଙ୍କ ମୃତ୍ୟୁ ବେକର ରକ୍ତ ନଳୀ ଓ ଆର୍ଟେରିକା (ଶଙ୍ଖ ନଳୀ) କଟିବାରୁ ରକ୍ତସ୍ରାବ ହୋଇ ମୃତ୍ୟୁ ଘଟିଛି। କ୍ଷତ ଜାଗାରେ କୌଣସି ବନ୍ୟପ୍ରାଣୀର ନଖ କିମ୍ବା ଦାନ୍ତର ଚିହ୍ନ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଅପର ପକ୍ଷରେ ଜଙ୍ଗଲରୁ ଉଦ୍ଧାର ହୋଇଥିବା ବାର୍‌ହାର ବିଦାରିତ ମୃତଦେହ ପଶୁ ଡାକ୍ତରଙ୍କ ଦ୍ୱାରା ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଛି। ବାଘକୁ ଠାବ ନେଇ ଅଟେଇ ସଂରକ୍ଷିତ ଜଙ୍ଗଲରେ ୧୦ ଟ୍ରାପ କ୍ୟାମେରା ଖଞ୍ଜା ଯାଇଥିବା ରେଞ୍ଜର ପାତ୍ର କହିଛନ୍ତି।

**ବୃଦ୍ଧଙ୍କ କ୍ଷତାକ୍ତ ମୃତଦେହ ଜବତ ଘଟଣା**

- ବାଘ ମାରିଥିବା ଅଭିଯୋଗ
- କ୍ଷତ ଜାଗାରେ ବନ୍ୟପ୍ରାଣୀର ନଖ କିମ୍ବା ଦାନ୍ତର ଚିହ୍ନ ନାହିଁ: ଡାକ୍ତର
- ଅଟେଇ ଜଙ୍ଗଲରେ ୧୦ ଟ୍ରାପ୍ କ୍ୟାମେରା ଲାଗିଲା

# ପ୍ରଧାନ ଶିକ୍ଷକଙ୍କ ଦିନକର ଦରମା ବନ୍ଦ

## ଉପସ୍ଥାନରେ ଆଗୁଆ ଦସ୍ତଖତ ନେଇ କାର୍ଯ୍ୟାନୁଷ୍ଠାନ

କେନ୍ଦୁଝର,୩।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍ ମଲଦା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପସ୍ଥାନ ଖାତାରେ ପରଦିନର ଦସ୍ତଖତ ପୂର୍ବଦିନ କରି ଧରାପଡ଼ିଥିଲେ। ଏନେଇ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ତାଙ୍କର ଦିନକର ଦରମା ବନ୍ଦ କରିବା ସହ କାରଣ ଦର୍ଶାଅ ନୋଟିସ୍ କରିଛନ୍ତି।

ସୂଚନା ଅନୁଯାୟୀ, ଜାନୁୟାରୀ ୩୦ରେ ଜିଲା ଶିକ୍ଷାଧିକାରୀ ବିଦ୍ୟାଳୟକୁ ଦିନ ୧୦ଟାରେ ପରିଦର୍ଶନରେ ଯାଇଥିଲେ। ସେ ସମୟରେ ପ୍ରଧାନଶିକ୍ଷକ ଅକ୍ଷୟ ମହାନ୍ତ ବିଦ୍ୟାଳୟକୁ ନ ଆସିଥିଲେ ମଧ୍ୟ ଉପସ୍ଥାନ ଖାତାରେ ସମୟ ୯ଟା ୩୦ ମିନିଟ୍‌ରେ ଉଲ୍ଲେଖ କରାଯାଇ ଦସ୍ତଖତ ରହିଥିବା ଦେଖିବାକୁ ପାଇଥିଲେ। ପ୍ରଧାନଶିକ୍ଷକ ପୂର୍ବଦିନ ଅର୍ଥାତ ଜାନୁୟାରୀ ୨୯ରେ ଆଗୁଆ ଦସ୍ତଖତ କରିଥିବା ଅନୁସନ୍ଧାନ କରି ଜିଲା ଶିକ୍ଷାଧିକାରୀ ସେଠୀ ଜାଣିବାକୁ ପାଇଥିଲେ। ପରେ ସେ ଉକ୍ତ ଦିନ ୧୧ ଟା ୪୫ରେ ବିଦ୍ୟାଳୟକୁ ପହଞ୍ଚିଥିଲେ। ପ୍ରଧାନଶିକ୍ଷକ ପୂର୍ବରୁ ଅନେକ ଥର ବିଳମ୍ବରେ ବିଦ୍ୟାଳୟ ଆସୁଥିବା ସ୍ଥାନୀୟ ଲୋକ ପ୍ରତିନିଧି ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଏହାର ସତ୍ୟାସତ୍ୟ ଜାଣିବା ପରେ ୧ ଦିନର ଦରମା ବନ୍ଦ କରିବା ସହ ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରି ୭ ଦିନ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସନ୍ତୋଷଜନକ ଉତ୍ତର ନ ମିଳିଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେଠୀ କହିଛନ୍ତି।

# ବିଡିଓଙ୍କୁ ଭେଟିଲେ ସପକ୍ଷ, ବିପକ୍ଷ ଗୋଷ୍ଠୀ

## ପୋଖରୀ ଖୋଳାକୁ ନେଇ ବିବାଦ

ଖୁଣ୍ଟା,୩।୨(ଡି.ଏନ୍.ଏ)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ୍ ଭଣ୍ଡଗାଁ ପଞ୍ଚାୟତର ଜାମଶୋଳା ଗ୍ରାମରେ ପୋଖରୀ ଖୋଳାକୁ ନେଇ ବିବାଦ ଉପୁଜିଛି। କାର୍ଯ୍ୟକୁ ନେଇ ଶୁକ୍ରବାର ଗ୍ରାମର ଗୋଟିଏ ଗୋଷ୍ଠୀ ବିଡିଓଙ୍କ ନିକଟରେ କାର୍ଯ୍ୟ ବନ୍ଦ ପାଇଁ ଅଭିଯୋଗ କରିଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ କାର୍ଯ୍ୟ ଜାରି ରଖିବାପାଇଁ ଦାବି ଜଣାଇଛନ୍ତି।

ସୂଚନା ଅନୁଯାୟୀ, ୨୧-୨୨ ଆର୍ଥିକ ବର୍ଷରେ ପଞ୍ଚଦଶ ଅର୍ଥ କମିସନ ମାଧ୍ୟମରେ ଗ୍ରାମ ପୋଖରୀ ଉନ୍ନତିକରଣ ପାଇଁ ୧ ଲକ୍ଷ ୩୭ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ହୋଇଛି। ତତ୍ ଅନୁଯାୟୀ ଜାମଶୂଳା ଗ୍ରାମର ଏକ ମରୋମ ଖାଦାନକୁ ପୋଖରୀରେ ବ୍ୟବହାର ଯୋଗ୍ୟ କରିବା ପାଇଁ କାର୍ଯ୍ୟ ଜାରି ରହିଥିଲା। କାର୍ଯ୍ୟକୁ ଗ୍ରାମର ଗୋଟିଏ ଗୋଷ୍ଠୀ ବିରୋଧ କରି କାର୍ଯ୍ୟ ବନ୍ଦ କରିଥିଲେ। ଶୁକ୍ରବାର ପଞ୍ଚାୟତର ସରପଞ୍ଚ ସାବିତ୍ରୀ ହେମ୍ବ୍ରମ, ସମିତି ସଭ୍ୟ ସଂଯୁକ୍ତା ନାଏକ ପ୍ରମୁଖ ଉନ୍ନତିକରଣ କାର୍ଯ୍ୟ ଜାରି ରଖିବାପାଇଁ ଦାବି କରିଥିଲେ। ଏ ସମ୍ପର୍କରେ ଗୋପବନ୍ଧୁ ନଗର ବ୍ଲକ୍ ଦାୟିତ୍ୱରେ ଥିବା ବିଡିଓ ମାନସ ରଞ୍ଜନ ସାମଲଙ୍କୁ ଉଭୟ ପକ୍ଷ ଲିଖିତ ଭାବେ ସେମାନଙ୍କର ଦାବି ଜଣାଇଛନ୍ତି।

# ଟିପିଏନ୍‌ଓଡିଏଲ୍‌କୁ ଏକ୍ସଲେନ୍ସ ଇନ୍ ଚେଞ୍ଜ ମ୍ୟାନେଜ୍‌ମେଣ୍ଟରେ ଗୋଲ୍ଡ ପୁରସ୍କାର



ପୁରସ୍କାର ସହ ଟିପିଏନ୍‌ଓଡିଏଲ୍‌ର ଅଧିକାରୀଗଣ।

## ସିଇଓଙ୍କୁ 'ପିପୁଲ୍ ଫୋକସଡ୍ ସିଇଓ ଅଫ୍ ଦି ଇୟର-ଗୋଲ୍ଡ' ପୁରସ୍କାର

ବାଲେଶ୍ୱର ଅଫିସ,୩।୨

ବାଲେଶ୍ୱର ଜିଲା ରେମୁଣା ଜାନୁଗଞ୍ଜ ଗୋଲେଇ ସ୍ଥିତ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍)କୁ ମିଳିଛି ସଫଳତା। ଗତ ଗୁରୁବାର ଗୁରୁଗ୍ରାମର ହାୟାତ ରିଜେନ୍ସିରେ ଇକୋନମିକ୍ ଟାଇମ୍‌ସ ହ୍ୟୁମାନ୍ କ୍ୟାପିଟାଲ୍ ଆୱାର୍ଡସ୍ ସମାରୋହର ଦ୍ୱିତୀୟ ସଂସ୍କରଣ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଟିପିଏନ୍‌ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାସ୍କର ସରକାରଙ୍କୁ ପିପୁଲ୍ ଫୋକସ୍‌ଡ ସିଇଓ ଅଫ୍ ଦି ଇୟର ବର୍ଗରେ ଗୋଲ୍ଡ ପୁରସ୍କାର ପ୍ରଦାନ କରାଯାଇଛି। ମାନବ ସମ୍ବଳର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ମାନବ ସମ୍ବଳ, ବ୍ୟବସାୟ ଓ ସଂସ୍ଥାର ଅଭିବୃଦ୍ଧିକୁ ହାସଲ କରିବା ଲାଗି କମ୍ପାନୀରେ ପରିବର୍ତ୍ତିତ ପରିଚାଳନା କାର୍ଯ୍ୟକାରିତା ପାଇଁ ସାରା ଭାରତର ବିଭିନ୍ନ ସଂସ୍ଥା ମଧ୍ୟରେ ଟିପିଏନ୍‌ଓଡ଼ିଏଲ୍‌କୁ ଏକ୍ସଲେନ୍ସ ଇନ୍ ଚେଞ୍ଜ ମ୍ୟାନେଜ୍‌ମେଣ୍ଟ କ୍ଷେତ୍ରରେ ଗୋଲ୍ଡ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ଟିପିଏନ୍‌ଓଡିଏଲ୍‌ର ସିଇଓ ଏବଂ ଟିପିଏନ୍‌ଓଡିଏଲ୍‌ର ମୁଖ୍ୟ-ଏଚ୍‌ଆର୍ ଆଣ୍ଡ ଆଡ୍‌ମିନ୍ ବଲ୍ଲଭ ସିଂହ ପୁରସ୍କାର ଗ୍ରହଣ କରିଥିବା ବେଳେ ମାନବ ସମ୍ବଳ ଟିମ୍‌ର ଚିତ୍ତରଞ୍ଜନ ପ୍ରଧାନ, ସମ୍ପୂର୍ଣ୍ଣା ମହାନ୍ତି ଓ ଶେଷଦେବ ପଣ୍ଡା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ କମ୍ପାନୀ ଭାଗ ନେଇଥିଲେ। ସୂଚନାଯୋଗ୍ୟ, ଟିପିଏନ୍‌ଓଡିଏଲ୍ ଦୁଇ ବର୍ଷ ପୂରଣ କରିବାକୁ ଯାଉଛି। ମାତ୍ର ଏତେ କମ୍ ସମୟ ଭିତରେ କମ୍ପାନୀ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ବହୁ ପୁରସ୍କାର ହାସଲ କରିଛି।

## ଏନଏଚ୍‌ଆରସିରେ ନୈନା ସାହୁ ମୃତ୍ୟୁ ମାମଲା

କେନ୍ଦୁଝର,୩।୨(ସ୍ୱ.ପ୍ର.)

କେନ୍ଦୁଝରର ସାମାଜିକ କର୍ମୀ ରୋଜାଲିନ ସାହୁ(ନୈନା)ଙ୍କ ମୃତ୍ୟୁ ମାମଲା ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି)ରେ ପହଞ୍ଚିଛି। ମାନବାଧିକାର କର୍ମୀ ଭଜମନ ବିଶ୍ୱାଳଙ୍କ ଆବେଦନରେ କମିଶନ ଏହାକୁ ଡାଏରୀ ନଂ. ୧୯୮୭/୨୦୨୩ ରେ ଗ୍ରହଣ କରିଥିବା ଜଣାପଡ଼ିଛି। ଘଟଣାରେ ପରିବାର ଲୋକଙ୍କୁ ନ୍ୟାୟ, କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ରାଜ୍ୟ ସରକାରଙ୍କୁ ଆଦେଶ, ଘଟଣାରେ ଜଡ଼ିତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ପୀଡ଼ିତାଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ଆଦେଶ କରିବା ପାଇଁ ଉଲ୍ଲେଖ କରିଛନ୍ତି। କ୍ଷତିପୂରଣ ଦୋଷୀ ପୋଲିସ ଅଧିକାରୀ ଓ ଏଥିରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କଠାରୁ ଆଦାୟ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଆଦେଶ କରିବା ପାଇଁ ନିବେଦନ କରିଛନ୍ତି।

# ବାଇକକୁ ଘୋଷାଡ଼ିନେଲା ଟ୍ରକ୍, ଯୁବକ ମୃତ



ଦୁର୍ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

ଭଦ୍ରକ ଅଫିସ, ୩।୨

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗୋପବନ୍ଧୁପୁର ଛକ ନିକଟରେ ୧୬ ନଂ. ଜାତୀୟ ରାଜପଥରେ ଶୁକ୍ରବାର ଅପରାହ୍ଣରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ବାଇକକୁ ଘୋଷାଡ଼ି ନେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଭଦ୍ରକ ବ୍ଲକ ଆର୍‌ଏନ୍ ବେତଡ଼ା ପଞ୍ଚାୟତ ବୀରପଡ଼ା ଗ୍ରାମର ଧନେଶ୍ୱର ସାହୁଙ୍କ ପୁଅ ପ୍ରକାଶ। ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। କ୍ଷତିପୂରଣ ଦାବି କରିବା ସହ ସ୍ଥାନୀୟ ଲୋକେ ମୃତଦେହ ଛାଡ଼ି ନ ଥିଲେ। ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଟାଉନ ଥାନାଧିକାରୀ ଉମାଶଙ୍କର ନାୟକ ଓ ପୁରୁଣାବଜାର ଥାନାଧିକାରୀ ଆଲୋକ ଜେନା ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

## ଉତ୍ତେଜନା, କ୍ଷତିପୂରଣ ଦାବି

ସୂଚନା ଅନୁଯାୟୀ, ପ୍ରକାଶ ବାଇକ୍‌ରେ ଭଦ୍ରକ ଆସୁଥିବା ବେଳେ ଉକ୍ତ ସ୍ଥାନରେ ତାଙ୍କ ଗ୍ରାମର ପ୍ରସନ୍ନ ପାତ୍ରଙ୍କ ସହ ଦେଖା ହୋଇଥିଲା। ନିଜ ବାଇକ୍ ଉପରେ ବସି ଉଭୟ ରାସ୍ତାପାର୍ଶ୍ୱରେ କଥା ହେଉଥିଲେ। ପଛପଟୁ ଦ୍ରୁତଗତିରେ ଆସୁଥିବା ଟ୍ରକ୍ ସେମାନଙ୍କୁ ଧକ୍କା ଦେବା ସହ ପ୍ରକାଶଙ୍କ ବାଇକ୍‌କୁ କିଛି ବାଟ ଘୋଷାଡ଼ି ନେଇଥିଲା। ଘଟଣାସ୍ଥଳରେ ପ୍ରକାଶଙ୍କର ମୃତ୍ୟୁ ଘଟିଥିବା ବେଳେ ବାଇକ୍‌ଟି ଭାଙ୍ଗିରୁଜି ଚୁର୍‌ମାର୍ ହୋଇଯାଇଛି। ପ୍ରସନ୍ନଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଟ୍ରକ୍‌ଟି ଖସି ପଳାଇ ଯାଉଥିବାବେଳେ ଖବରପାଇ ପିସିଆର୍ ପୋଲିସ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଅଟକାଇ ଗ୍ରାମାଞ୍ଚଳ ଥାନାକୁ ଆଣି ଚାଳକଙ୍କୁ ଅଟକ ରଖିଛି।

# ଶିମିଳିପାଳ ସୁରକ୍ଷା ପ୍ରସଙ୍ଗ | ୯ରେ ଜାତୀୟ, ରାଜ୍ୟ ରାଜପଥରେ ହରତାଳ

ବାରିପଦା ଅଫିସ,୩।୨

ଶିମିଳିପାଳ ଅଭୟାରଣ୍ୟ ଓ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦାବି ନେଇ ମୟୂରଭଞ୍ଜ ଜିଲାର ଭଞ୍ଜସେନା ପକ୍ଷରୁ ଆସନ୍ତା ୯ ତାରିଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଜିଲା ଦେଇ ଯାଇଥିବା ୧୮ ଓ ୪୯ ନଂ. ଜାତୀୟ ରାଜପଥ ଏବଂ ବାରିପଦା-ଉଦଳା ରାଜ୍ୟ ରାଜପଥରେ ହରତାଳ କରି ଦାବି ଉପସ୍ଥାପନ କରାଯିବ ବୋଲି ଏକ ପ୍ରେସ୍ ବିବୃତିରେ ଜଣାଯାଇଛି।

ଶିମିଳିପାଳ ସୁରକ୍ଷା ପ୍ରତି ବନ ବିଭାଗର ବୈମାତୃକ ମନୋଭାବ ଦେଖାଦେଇଛି। ଅଧିକାରୀମାନେ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ଶିକାରୀ ସାଜିଛନ୍ତି। ଶିମିଳିପାଳ ଆଜି ଶ୍ରୀହୀନ ହେବାକୁ ବସିଛି। କ୍ରମାଗତ ଭାବେ ଦନ୍ତାହାତୀ, ମହାବଳ ଓ କଲରାପତରିଆ ବାଘ ଶିକାର ବଢ଼ି ଚାଲିଛି। ଫଳରେ ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କ ସଂଖ୍ୟା କମିବାରେ ଲାଗିଛି। ଏହାସହ ଜଙ୍ଗଲରୁ ବହୁ ମୂଲ୍ୟବାନ ବୃକ୍ଷ କଟାଯାଇ ଚୋରା ଚାଲାଣ କରାଯାଉଛି। ଦେଢ଼ମାସ ମଧ୍ୟରେ ୩ଟି ବାଘ ଚମଡ଼ା ଜବତ ଘଟଣାରେ ୧୪ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଦୁଇମାସ ଭିତରେ ଅଭୟାରଣ୍ୟରୁ ୩ ହାତୀର ମୃତ୍ୟୁ ଘଟିଛି। ସେଥିମଧ୍ୟରୁ ଦୁଇଟିକୁ ଶିକାର କରାଯାଇଥିବା ବେଳେ ଅନ୍ୟଟି କୁମକୀ ହାତୀ(ପୋଷା) ଶୋଭାର ଚିକିତ୍ସା ଅବହେଳାରୁ ମୃତ୍ୟୁ ଘଟିଥିଲା। ଶିକାର ହୋଇଥିବା ଏକ ହାତୀର ଦାନ୍ତଦ୍ୱୟକୁ ଜବତ କରିବାରେ ବନ ବିଭାଗ ବିଫଳ ହୋଇଥିବା ବେଳେ ଅଭିଯୁକ୍ତମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉଛି ବୋଲି ମୁଖପାତ୍ର ମାନସ ବେହେରା ପ୍ରକାଶ କରିଛନ୍ତି। ଶିମିଳିପାଳର ସୁରକ୍ଷା ନିମନ୍ତେ ରାଷ୍ଟ୍ରପତିଙ୍କ ଦୃଷ୍ଟିଗୋଚର କରିବା ପାଇଁ ଦୁଇଦିନ ପୂର୍ବରୁ 'ଶିମିଳିପାଳ ବଞ୍ଚାଅ' ପ୍ଲାକାର୍ଡ ଧରି ଭିଡିଓ ଏବଂ ଫଟୋ ଉତ୍ତୋଳନ କରି ସୋସିଆଲ ମିଡିଆରେ ସେୟାର କରାଯାଇଛି। ବନ୍ୟଜନ୍ତୁ ଶିକାର ଘଟଣାରେ ସିବିଆଇ ତଦନ୍ତ ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କହିଛନ୍ତି।

# ଠାକୁରମୁଣ୍ଡା ସରକାରୀ ବାଳିକା ବିଦ୍ୟାଳୟର ବାର୍ଷିକୋତ୍ସବ

ଠାକୁରମୁଣ୍ଡା,୩।୨(ଡି.ଏନ.ଏ.)

ଠାକୁରମୁଣ୍ଡା ସରକାରୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଠାକୁରମୁଣ୍ଡା ତହସିଲଦାର ସୁଶ୍ରୀ ସୁପ୍ରିୟା, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାୟକ, ବ୍ଲକ ସମାଜ ମଙ୍ଗଳ ଅଧିକାରୀ ସୁଶାନ୍ତ ସିଂ, ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ କିଶୋର ପାଣିଗ୍ରାହୀ, ଠାକୁରମୁଣ୍ଡା ପ୍ରେସ କ୍ଲବର ସଭାପତି ଶରତ ତ୍ରିପାଠୀ, ରାଇଡ଼ିହା ସରକାରୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଏକ, କେଶଡିହା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ଟୋପ୍ପ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଶକ୍ତି ସ୍ୱରୂପା ବାରିକ ମଞ୍ଚ ପରିଚାଳନା କରିଥିଲେ। ବାର୍ଷିକ ଉତ୍ସବ ପୂର୍ବରୁ ବିଦ୍ୟାଳୟରେ ଛାତ୍ରୀମାନଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିଥିମାନେ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

# ସୁବର୍ଣ୍ଣରେଖା ବନ୍ଦର ରେଳ ରାସ୍ତା ନିର୍ମାଣ | ଜମି ଅଧିଗ୍ରହଣରେ ଚଞ୍ଚକତା

ବାଲିଆପାଳ,୩।୨(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ଦକ୍ଷିଣ ବାଲିଆପାଳରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ରେଳ ରାସ୍ତା ପାଇଁ ଚଞ୍ଚକତା କରାଯାଇ ଜମି ଅଧିଗ୍ରହଣ କରାଯାଇଥିବା ନେଇ ଶୁକ୍ରବାର ପୂର୍ବାହ୍ଣରେ ବାଲିଆପାଳ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କେତେଜଣ ଜମି ମାଲିକ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବାଲିଆପାଳ ଥାନା ନାଭଡ଼ା ଗ୍ରାମର ଲୋକମାନଙ୍କର ପୈତୃକ ସମ୍ପତ୍ତିରେ ଭାଇ ଭାଇ ମଧ୍ୟରେ ଥିବା ବିବାଦରୁ ଫାଇଦା ନେବାକୁ ଚେଷ୍ଟା କରୁଛନ୍ତି ବନ୍ଦର କର୍ତ୍ତୃପକ୍ଷ। ଉକ୍ତ ଗ୍ରାମର ବିଧବା ମହିଳା ଭାରତୀ ରଣଜିତ, ସୁମତୀ ରଣଜିତ, ସରସ୍ୱତୀ ରଣଜିତ ଓ ମାଳତୀ ରଣଜିତଙ୍କ ପରିବାରରେ ଦୀର୍ଘ ଦିନ ଧରି ପୈତୃକ ସମ୍ପତ୍ତିକୁ ନେଇ ସାର୍ଥକ ରଣଜିତଙ୍କ ମଧ୍ୟରେ ବାଦବିବାଦ ଲାଗି



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଜମିମାଲିକମାନେ।

ରହିଥିଲା। ବନ୍ଦର ପକ୍ଷରୁ ରେଳପଥ ନିର୍ମାଣ ପାଇଁ ଜମି ଚିହ୍ନଟ କାର୍ଯ୍ୟ ବେଳେ ଖାତା ନମ୍ବର-୬୩୧ରେ ଦୁଇଟି ପ୍ଲଟ ନଂ.- ୮୭୨/୮୯୬ ଉପରେ ରେଳପଥ ପାଇଁ ଚିହ୍ନଟ ହୋଇଥିଲା। ଗତ ୪।୮।୨୦୨୨ ତାରିଖରେ ଠିକାଦାର ଖତିଆନରେ ଥିବା ଅଂଶୀଦାରମାନଙ୍କୁ ଦସ୍ତଖତ ନ ଦେଲେ ସରକାର ସମସ୍ତ ଜମି ନେଇ ଯିବେ ଆଉ ପଇସା ମିଳିବ ନାହିଁ ବୋଲି ଭୟଭୀତ କରାଇ ସାଧା କାଗଜରେ ଦସ୍ତଖତ କରାଇ ନେଇଥିଲେ। ମାତ୍ର ଦସ୍ତଖତ ନେଇ ଯିବାର କିଛି ଦିନ ପରେ ଉକ୍ତ ଜମିକୁ ସାର୍ଥକ ରଣଜିତ ସମସ୍ତ ଅଂଶୀଦାରଙ୍କ ଜମିକୁ ରେଜିଷ୍ଟ୍ରେସନ କରାଇ ସମସ୍ତ ଟଙ୍କା ହଡ଼ପ କରି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ ଠିକାଦାରଙ୍କୁ

## ଖବରଦାତା ସମ୍ମିଳନୀରେ ଅଭିଯୋଗ କଲେ ଜମି ମାଲିକ

ଅନ୍ୟ ଅଂଶୀଦାରମାନେ ପଚାରିବାକୁ ଚେଷ୍ଟା କରିବାରୁ ଠିକାଦାରଙ୍କ ଦ୍ୱାରା ନିଯୁକ୍ତ ବ୍ୟକ୍ତି ତଥା ଅନ୍ୟ ଅଂଶୀଦାର ସାର୍ଥକ ରଣଜିତଙ୍କ ଧମକର ଶିକାର ହୋଇ ବାଲିଆପାଳ ଥାନା ଅଧିକାରୀ ଏବଂ ତହସିଲଦାରଙ୍କଠାରେ ଗୁହାରି କରିଥିଲେ। ମାତ୍ର କୌଣସି ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ନିବେଦନ କରିଥିବା ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସାଧାରଣରେ ଜମି ବିକ୍ରି କରିବା ପାଇଁ ପକ୍ଷମାନଙ୍କ ମଧ୍ୟରେ ସେୟାର କାଟି ଜମି ବିକ୍ରୟ କରିବାକୁ ନାକେଦମ୍ ହେବାକୁ ପଡୁଥିବା ବେଳେ କିପରି ସାଧା କାଗଜରେ ଦସ୍ତଖତ ନେଇ ଜମି ରେଜିଷ୍ଟ୍ରେସନ ହୋଇପାରୁଛି ବୋଲି ଦେବରଞ୍ଜିତ ପ୍ରଶ୍ନ କରିଛନ୍ତି।

